ଧରିତ୍ରୀ
DHARITRI
April 19-25, 2020 ₹ 2/-

# ଛୁଟିଦିନ



## ବିସ୍ମୟ ବ୍ରହ୍ମାଣ୍ଡ

ପୃଥିବୀ ଯେତିକି ସୁନ୍ଦର ସେତିକି ବିସ୍ମୟ। ଆମ ସୌରମଣ୍ଡଳର ଅବସ୍ଥିତି ଅନୁଯାୟୀ ପୃଥିବୀ ହେଉଛି ତୃତୀୟ ଗ୍ରହ। ଏହାର ବୈଚିତ୍ର୍ୟ ହିଁ ଏହାକୁ ସବୁ ଗ୍ରହଙ୍କ ମଧ୍ୟରେ ଏକ ନିଆରା ଗ୍ରହର ମାନ୍ୟତା ଦେଇଛି...

୩
ପ୍ରଚ୍ଛଦ ପ୍ରସଙ୍ଗ

ସହରଠୁ ଦୂର
୬



ସିନେମା
୪





# ପେଟ ଉପରେ ହୃତ୍‌ପିଣ୍ଡ

**ଛା**ତି ଭିତରେ ହୃତ୍‌ପିଣ୍ଡ ଥାଏ। ତାହାକୁ କେହି ହୃଦୟ ତ ଆଉ କେହି ଦିଲ୍ ବୋଲି ମଧ୍ୟ କହିଥାନ୍ତି। ମାତ୍ର ବାସ୍ତବରେ ଭେଷଜବିଜ୍ଞାନ ଭାଷାରେ ତାହା ହେଉଛି ହୃତ୍‌ପିଣ୍ଡ ବା ହାର୍ଟ। ଏହା ପ୍ରତି ମୁହୂର୍ତ୍ତରେ କ୍ରିୟାଶୀଳ ହୋଇ ଶରୀରକୁ ରକ୍ତ ଯୋଗାଉଥାଏ। ଆମେ ଯଦି ଆମ ବାଁ ଛାତିରେ ହାତ ରଖିବା



ତା'ହେଲେ ହୃତ୍‌ପିଣ୍ଡର ଧକ୍‌ଧକ୍ ଶବ୍ଦକୁ ଅତି ସହଜରେ ଅନୁଭବ କରିପାରିବା। ଡାକ୍ତରମାନେ ଷ୍ଟେଥୋସ୍କୋପ୍ ଜରିଆରେ ହୃତ୍‌ପିଣ୍ଡର ଧକ୍‌ଧକ୍ ଶବ୍ଦକୁ ଶୁଣିପାରିଥାନ୍ତି। ମାତ୍ର କେହି ଆଜିଯାଏ ହୃତ୍‌ପିଣ୍ଡ ଧକ୍‌ଧକ୍ ହେଉଥିବା ଦେଖିନାହାନ୍ତି। କାରଣ ଏହା ଛାତିର ଭିତରେ ରହିଥାଏ। ହେଲେ ରୁଷର ଜଣେ ବାଳିକା ହେଉଛନ୍ତି ବିରସାବ୍ୟା ବୋରୁନ୍। ସେ ସମସ୍ତଙ୍କଠାରୁ ଭିନ୍ନ। ତାଙ୍କ ହୃତ୍‌ପିଣ୍ଡର ଧକ୍‌ଧକ୍ କରୁଥିବା ସମସ୍ତେ ଦେଖିପାରନ୍ତି। ଏହାର କାରଣ ହେଉଛି ତାଙ୍କର ହୃତ୍‌ପିଣ୍ଡଟି ଛାତିର ବାହାରକୁ ଅର୍ଥାତ୍ ପେଟ ପାଖରେ ରହିଛି। ଭେଷଜ ବିଜ୍ଞାନ ପାଇଁ ଏହା ଏକ ବିସ୍ମୟର ବିଷୟ। ତେବେ ହୃତ୍‌ପିଣ୍ଡଟି ବାହାରକୁ ରହିବା କାରଣରୁ ବିରସାବ୍ୟାକୁ କୌଣସି ଅସୁବିଧା ହେଉନାହିଁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୧୯-୨୫

**ମେଷ**: ସ୍ନାୟବିକ ଦୁର୍ବଳତା, ଅବହେଳିତ କାର୍ଯ୍ୟ, ସାହିତ୍ୟାନୁରାଗ, ଗୃହାରମ୍ଭରେ ବାଧା, ଖର୍ଚ୍ଚ ବଢିବ, ବନ୍ଧୁ ସାହାଯ୍ୟ ମିଳିବନି, ପାରିବାରିକ କଳହ, ରପ୍ତାନି ବାଣିଜ୍ୟ ବୃଦ୍ଧି, ସରକାରୀ ସହାୟତା, ଶୁଭଖବର ପ୍ରାପ୍ତି, ଯୋଗାଯୋଗରେ ଉନ୍ନତି।

**ବୃଷ**: ବୈଷୟିକ ଅଭିବୃଦ୍ଧି, ପାରିବାରିକ ଶୃଙ୍ଖଳା, ସ୍ୱାସ୍ଥ୍ୟରେ ଉନ୍ନତି, ରାଜନୈତିକ ଆଲୋଚନା, ଯାତ୍ରାରେ ପ୍ରତିବନ୍ଧକ, ସାମାଜିକ ଅବରୋଧ, ଆତ୍ମୀୟଙ୍କ ସହଯୋଗ, ଆନୁଷ୍ଠାନିକ କାମ ସଫଳ ହେବ।

**ମିଥୁନ**: ବନ୍ଧୁଙ୍କ ଅଭିମାନ, ପରିଜନଙ୍କ ଖେଦ, ଆବଶ୍ୟକତାର ଅଭାବ, ଅସୁସ୍ଥ ମାନସିକତା, ଭୁଲ୍ ବୁଝାମଣାରୁ କଳହ, ପରିବହନରେ ଝଗଡା, ମନୋରଞ୍ଜନରେ ରୁଚି, ବିବାଦରେ ମଧ୍ୟସ୍ଥତା, ସଙ୍ଗୀତସାଧନା।

**କର୍କଟ**: ଦୈହିକ ସୁସ୍ଥତା, ଦୂରଯାତ୍ରାରେ ବାଧା, ବନ୍ଧୁଙ୍କ ସହ ବଚସା, ପାରିବାରିକ ଅଶାନ୍ତି, କର୍ମକ୍ଷେତ୍ରରେ ସ୍ଥିରତା, ବିପଦପୂର୍ଣ୍ଣ ପରିସ୍ଥିତି, ପଡୋଶୀଙ୍କ ସାହାଯ୍ୟ, ଅସମାପ୍ତ ଆଲୋଚନା, ଅର୍ଥପ୍ରାପ୍ତି, ଦ୍ରବ୍ୟଲାଭରୁ ଆନନ୍ଦ।

**ସିଂହ**: ନୂତନ ବନ୍ଧୁତ୍ୱ, କାର୍ଯ୍ୟହାନିରୁ ମନସ୍ତାପ, ବିଳାସପ୍ରିୟତା, ଋଣ ପରିଶୋଧର ଚିନ୍ତା, ଗୁରୁଜନଙ୍କ ପରାମର୍ଶ, ଆଇନ ସହାୟତା, ପରୋକ୍ଷ ଶତ୍ରୁତା, ଧର୍ମସଙ୍କଟ, ସାମାଜିକ ବାଛନ୍ଦ, ମାନସିକ ଅସ୍ଥିରତା।

**କନ୍ୟା**: ଦକ୍ଷତାରୁ ପ୍ରଶଂସା, ସାମାଜିକ ସମ୍ମାନ, ସହକର୍ମୀଙ୍କ ସହଯୋଗ, ଅଭିଳାଷ ପୂରଣ, ବିବାଦୀୟ ପରିସ୍ଥିତି, ନୀତିଗତ ନିଷ୍ପତ୍ତି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଅଧ୍ୟାପନାରେ ରୁଚି।

**ତୁଳା**: ସ୍ୱାସ୍ଥ୍ୟ ସମସ୍ୟା, ପଡୋଶୀଙ୍କ ଅସହିଷ୍ଣୁତା, ବନ୍ଧୁଙ୍କ ଅପପ୍ରଚାର, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, କଳା ସାହିତ୍ୟରେ ଉନ୍ନତି, ସଭା ସମିତିରେ ପ୍ରଶଂସା, ଯାନବାହନରେ କ୍ଷତି, ରାଜନୀତିରେ ଟଣାଓଟରା, ମାମଲାରେ ବିଳମ୍ବ, ଖଳଲୋକଙ୍କ ଦୌରାତ୍ମ୍ୟ, ମିତ୍ରତାବୃଦ୍ଧି।

**ବିଛା**: ଆଳସ୍ୟରୁ କର୍ମହାନି, ଅବହେଳାରୁ କଳହ, ସାହାଯ୍ୟକାରୀ ମନୋଭାବ, ଆଲୋଚନାରେ ଅଗ୍ରଗତି, ଆତ୍ମୀୟତାର ଅଭାବ, ବ୍ୟବସାୟରେ କ୍ଷତି, ପ୍ରତିଯୋଗିତାରେ ସଫଳତା, ସଙ୍ଗୀତରେ ରୁଚି।

**ଧନୁ**: ସରକାରୀ ସହାୟତା, ବିବାଦର ସମାଧାନ, ଆତ୍ମତୃପ୍ତିର ଅନୁଭବ, ଅସନ୍ତୁଳିତ ଭାରସାମ୍ୟ, ଗଠନମୂଳକ କାର୍ଯ୍ୟ, ପରୋକ୍ଷ ଶତ୍ରୁତା, ଗାଡି ମୋଟରରେ ସମସ୍ୟା, ଅଭାବବୋଧ, ମାନସିକ ଦୁର୍ବଳତା।

**ମକର**: ଦୈହିକ ସୁସ୍ଥତା, ଅସଜଡା ପରିସ୍ଥିତି, ବନ୍ଧୁଙ୍କ ସହଯୋଗ, ଯୋଜନା ଜିନିଷ କ୍ରୟ, ଅର୍ଥ ସମସ୍ୟା, ଯାନବାହନରେ ତ୍ରୁଟି, ଆନୁଷ୍ଠାନିକ କାର୍ଯ୍ୟ, ବ୍ୟବସାୟରେ ଉନ୍ନତି, ସୁଯୋଗ ହରାଇବେ, ଖୁସୀ ଗପର ମଉକା, ପୁରାଣ ପଠନରେ ରୁଚି ।

**କୁମ୍ଭ**: ରୋଗପୀଡାରୁ ଆଶ୍ୱସ୍ତି, ଋଣ ମିଳିବନି, ବନ୍ଧୁବର୍ଗଙ୍କ ଶତ୍ରୁତା, ପାରିବାରିକ ମତଭେଦ, ସାମାଜିକ ପ୍ରତିଷ୍ଠା, ପାରସ୍ପରିକ ସହାୟତା, କାର୍ଯ୍ୟସାଧନ ହେବ, ଉପହସିତ ହୋଇପାରନ୍ତି, ବନ୍ଧୁସମ୍ପର୍କ ବୃଦ୍ଧି, ପ୍ରଶାସନିକ ତତ୍ପରତା, ବନ୍ଧୁ ମିଳନ।

**ମୀନ**: ଉଚ୍ଚଚିନ୍ତା, ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା, ସାହସିକ ପଦକ୍ଷେପ, ବିଭିନ୍ନ ସମସ୍ୟା, ପ୍ରରୋଚିତ କାର୍ଯ୍ୟରେ କଳହ, ଧର୍ମାନୁଷ୍ଠାନରେ ସମସ୍ୟା, ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ, ପାରିବାରିକ ଶାନ୍ତି, ଋଣ ପରିଶୋଧ, ଯାତ୍ରାରେ ଦ୍ୱନ୍ଦ୍ୱ, ସ୍ନାୟବିକ ଦୁର୍ବଳତା।

# ପିଲା ଜନ୍ମ କରୁଥିବା ଝିଟିପିଟି

**ଆ**ମେ ସମସ୍ତେ ଜାଣୁ ଯେ, ଝିଟିପିଟି ଅଣ୍ଡା ଦେଇଥାଏ। ଆଉ ଅଣ୍ଡାରୁ ଛୁଆ ଫୁଟେଇଥାଏ। ସେଥିଲାଗି ଝିଟିପିଟିକୁ ସ୍ତନ୍ୟପାୟୀ କୁହାଯାଏନା। ଏହା ହେଉଛି ସରୀସୃପ ପ୍ରଜାତିର। ମାତ୍ର ଅଷ୍ଟ୍ରେଲିଆର ଜୀବ ବିଜ୍ଞାନୀଗଣ ଏଭଳି ଏକ ପ୍ରଜାତିର ଝିଟିପିଟି ଆବିଷ୍କାର କରିଛନ୍ତି, ଯାହା ଦୀର୍ଘଦିନରୁ ରହି ଆସିଥିବା ବିବର୍ତ୍ତନର କଥାକୁ ଭୁଲ୍ ପ୍ରମାଣିତ କରିଛି। ଅଷ୍ଟ୍ରେଲୀୟ ଗବେଷକ ଆବିଷ୍କାର କରିଥିବା ଏହି ଝିଟିପିଟି ପିଲା ଜନ୍ମ କରିଥାଏ। ତେବେ ସବୁଠୁ ମଜାର କଥା ହେଉଛି ଏହା କେବଳ ଯେ ସନ୍ତାନ ଜନ୍ମ କରିଥାଏ ତା'ନୁହେଁ, ଏହା ଅଣ୍ଡା ମଧ୍ୟ ଦେଇପାରେ। ଗବେଷକଙ୍କୁ ଏହା ଅତ୍ୟନ୍ତ ବିସ୍ମିତ କରିଦେଇଛି। କିପରି ଗୋଟିଏ ପ୍ରାଣୀ ଏକସଙ୍ଗରେ ଅଣ୍ଡା ଦେବା ସହିତ ସନ୍ତାନ ଜନ୍ମ କରିପାରୁଛି ତାହାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଏହା ପରିବେଶ ଅନୁସାରେ କାମ କରୁଥାଏ। ଯେଉଁ ପରିବେଶରେ ପିଲାଜନ୍ମ କରିହେବ ବୋଲି ଜାଣେ ସେହି ପରିବେଶରେ ପିଲା ଜନ୍ମକରେ। ଆଉ ଯେଉଁଠି ପିଲା ଜନ୍ମ କରି ନ ହେବ ସେଠାରେ ସେ ଅଣ୍ଡା ଦେଇଥାଏ। ଏହି ଝିଟିପିଟିର ପ୍ରାଣୀ ବୈଜ୍ଞାନିକ ନାମ ହେଉଛି ସାଇଫୋସ୍ ଇକ୍ୱାଲିସ୍। ଏହା ଦେଖିବାକୁ ସାଧାରଣ ଝିଟିପିଟି ପରି ନୁହେଁ, ଏହାର ରଙ୍ଗ ମଧ୍ୟ ସାଧାରଣ ଝିଟିପିଟିଠାରୁ ଭିନ୍ନ। ଏହାକୁ ପ୍ରକୃତିର ବିସ୍ମୟ ବୋଲି ସେମାନେ ଧରି ନେଇଛନ୍ତି।



# ପାଠକୀୟ

■ ପ୍ରଚ୍ଛଦ ପ୍ରସଙ୍ଗ 'ବିଶ୍ୱ ବିଭୀଷିକା : ତଥାପି ଥମିନି ପାଦ' ଭଲ ଲାଗିଲା। ବର୍ତ୍ତମାନ ସମୟ ପାଇଁ ଏହାକୁ ଏକ ଅତି ଉପଯୋଗୀ ଆଲେଖ୍ୟ ବୋଲି ବିବେଚନା କରାଯାଇପାରିବ। ବିଶ୍ୱ ଇତିହାସ ଅନେକ ମହାମାରୀକୁ ତା' ପୃଷ୍ଠାରେ ସାଇତି ରଖିଛି। ଆଉ ଆମକୁ ଏଇକଥା କହିଛି ଯେ, ବିପର୍ଯ୍ୟୟ ଆସିବ ପୁଣି ଚାଲିଯିବ। ମଣିଷ ସଭ୍ୟତା ଆଗକୁ ଆଗକୁ ଗତି କରିବ।

*– ତପନ ବିଶ୍ୱାଳ, ଗଣିଜାଙ୍ଗ, ଭଦ୍ରକ*

■ କରୋନା ଭଳି ମହାମାରୀ ମଣିଷକୁ ଅନେକ ଉପସ୍ଥିତ ଜ୍ଞାନ ହାସଲ କରିବାରେ ସହାୟକ ହୋଇଥାଏ। ମଣିଷ ଅବସ୍ଥାକୁ ଦେଖି ନିଜର ବ୍ୟବସ୍ଥା କରି ନେଇଥାଏ। ଯେମିତି ହଲାଣ୍ଡର ଜଣେ ହେୟାର ଡ୍ରେସର୍ ଗୋଟିଏ ଛତାକୁ ନିଜର ଢାଲ କରି ଲୋକମାନଙ୍କର କେଶ କାଟିବାର କଳା ହାସଲ କରି ନେଇଛନ୍ତି। ସେହିଭଳି 'ପେଟରେ ତରଭୁଜ କାଟି ରେକର୍ଡ' ବିଷୟଟି ମଧ୍ୟ ଭଲ ଲାଗିଲା। ସତରେ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିବା ଏତେଟା ସହଜ ନୁହେଁ। ସେଥିଲାଗି ଅନେକ କଷ୍ଟ ସହିବାକୁ ହୋଇଥାଏ।

*– ରୀତାଞ୍ଜଳି କାନୁନ୍‌ଗୋ, ପଟିଆ, ଭୁବନେଶ୍ୱର*

■ ପ୍ରଚ୍ଛଦ ପ୍ରସଙ୍ଗ 'ବିଶ୍ୱ ବିଭୀଷିକା : ତଥାପି ଥମିନି ପାଦ' ମନକୁ ଆଶ୍ୱସ୍ତ କଲା। ସବୁ ମହାମାରୀ ଭଳି ଏ ମହାମାରୀ ବି ଦିନେ ଛାଡ଼ିଯିବ। ମଣିଷ ପୁଣିଥରେ ନିଜର ଜୀବନ ବଞ୍ଚିବା ଶିଖିବ। ଅଣ୍ଟା ସଳଖି ବାଟ ଚାଲିବ। ଅନ୍ତତଃ ଏହି ମହତ୍ କଥାଗୁଡ଼ିକୁ ଏଥର ଛୁଟିଦିନ ପ୍ରଚ୍ଛଦରୁ ଶିଖିବାକୁ ମିଳିଲା। ସୃଜନ ପୃଷ୍ଠାଟି ଭଲ ହେଉଛି। ଗଳ୍ପ 'ତାନିଆ', କବିତା ସମ୍ପର୍କ, ମୋକ୍ଷ ତଥା ଓଠ ବେଶ୍ ମନଛୁଆଁ।

*– କୃପାସିନ୍ଧୁ ମଲ୍ଲିକ, ଦାନଗଦି, ଯାଜପୁର*

■ ଏଥରର 'ସିନେମା' ପୃଷ୍ଠାଟି ଭଲ ହୋଇଛି। କରୋନା ପାଇଁ ଶୁଟିଂ ବାତିଲ ହୋଇଯାଇଛି। ତେଣୁ ଏ ପରିପ୍ରେକ୍ଷୀରେ ସେଲିବ୍ରିଟିମାନେ କେମିତି ସମୟ କାଟୁଛନ୍ତି ସେକଥା ଜାଣି ହେଲା କ୍ରିତି ସାନନ୍‌ଙ୍କ ଟପିକ୍‌ରୁ। ସେହିଭଳି କରୀନାଙ୍କ ଠାରୁ ଫିଟ୍‌ନେସ୍ ଟିପ୍ ବି କିଛି ମିଳିଲା। 'ଶାହରୁଖ୍‌ଙ୍କ ପ୍ରଶଂସାରେ ଆଲିଆ' ପ୍ରସଙ୍ଗଟି ବି ଭଲ ହୋଇଛି। ଇତିମଧ୍ୟରେ ଦୀପକ୍‌ଙ୍କ ଆଶା ବି ପୂରଣ ହୋଇଛି ଜାଣି ଖୁସି ହେଲୁ।

*– ସନ୍ଧ୍ୟା, ମିତୁ, ଜାନକୀ, ଗୀତାଞ୍ଜଳି, ବ୍ରହ୍ମପୁର*

■ ସହରଠୁ ଦୂରରୁ ପଢ଼ିଲି 'ଇକୋଫ୍ରେଣ୍ଡଲି ପର୍ଯ୍ୟଟନ ସ୍ଥଳୀ'। ଏଥିରୁ କାହ୍ନା ଜାତୀୟ ଉଦ୍ୟାନ, ମାୱ୍ଲିନୋଙ୍ଗ, ଥେନମାଲା ଆଦି ଅନେକ ସ୍ଥାନ ବିଷୟରେ ଜାଣିହେଲା। ଏହି ସବୁ ପ୍ରାକୃତିକ ସ୍ଥଳର ଦୃଶ୍ୟକୁ କଳ୍ପନାରେ ଦେଖି ବେଶ୍ ଉଲ୍ଲସିତ ହେଲି।

*– ପ୍ରକାଶ ଚନ୍ଦ୍ର ମିଶ୍ର, ପିପିଲି, ପୁରୀ*

■ ମଡେଲ ମିରର୍‌ରେ ସୌମ୍ୟଜିତ୍‌ଙ୍କ ଫଟୋଟି ଭଲ ହୋଇଛି। ହାଃ ହାଃରୁ ହସକଥା ସବୁ ପଢ଼ି ନ ହସି ରହିପାରିଲି ନାହିଁ। କାର୍ଟୁନ୍ କର୍ଣ୍ଣର ବେଶ ମନଛୁଆଁ। ସେହିଭଳି ବର୍ଷା ହେଉ ନ ଥିବା ସ୍ଥାନ 'ଅଲ୍-ହୁଟୈବ' ବିଷୟରେ ଜାଣି ବିସ୍ମିତ ହୋଇଗଲି।

*– କମଳିନୀ ପୁହାଣ, କଳାହାଣ୍ଡି*

## ବିଶେଷ ଚିଠି



**ବା**ର ଭିତରେ ରବିବାର
ରବିବାରରେ ଥିଲେ ଛୁଟିଦିନ
ହାତ ପାପୁଲିରେ ଲାଗେ ସତେ
ଧରିଅଛୁ ଆମେ ରୁପା ଜହ୍ନ...
ପ୍ରଚ୍ଛଦ ପ୍ରସଙ୍ଗଠୁ ବ୍ୟାକପେଜ କଭର
ଖୋଲେ ଶିକ୍ଷଣ ଓ ଜ୍ଞାନର ଭଣ୍ଡାର
ମନ ଖୋଜେ ଖାଲି ଗୋଟିଏ ବାହାନା
ପଢିବାକୁ ଛୁଟିଦିନ ବାରବାର...

– ସୁବ୍ରତ ମଲିକ
ମଙ୍ଗଳପୁର, ଅସୁରାଳି,ଭଦ୍ରକ

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795





# ବିସ୍ମୟ ବ୍ରହ୍ମାଣ୍ଡ

ଇଂଲିଶରେ ଗୋଟେ କଥା କୁହାଯାଏ: Earth, the wonderful world! ଏକ ଆଶ୍ଚର୍ଯ୍ୟଜନକ ପୃଥିବୀର ନାଁ ଆର୍ଥ। ବିଶାଳ ଅନ୍ତରୀକ୍ଷରେ ଅନେକ ପୃଥିବୀ ରହିଛି। ମାତ୍ର ଆମର ପୃଥିବୀ, ଯାହାର ନାମ ଆର୍ଥ ତାହା ହେଉଛି ଅତୀବ ଆଶ୍ଚର୍ଯ୍ୟଜନକ। ଏହା ଯେତିକି ସୁନ୍ଦର ସେତିକି ବିସ୍ମୟ। ଆମ ସୌରମଣ୍ଡଳର ଅବସ୍ଥିତି ଅନୁଯାୟୀ ପୃଥିବୀ ହେଉଛି ତୃତୀୟ ଗ୍ରହ। ଆଜି ସୁଦ୍ଧା ଏହା ବୟସ ୪.୫୪ ବିଲିଅନ୍‌ରୁ ଅନେକ ବେଶି। ଏହା ହେଉଛି ଅନନ୍ତ ବ୍ରହ୍ମାଣ୍ଡର ଏକମାତ୍ର ଗ୍ରହ, ଯେଉଁଠି ଜୀବନର ସତ୍ତା ରହିଥିବା ଜଣାଯାଏ।

**ମାଧ୍ୟାକର୍ଷଣ ବୈଚିତ୍ର୍ୟ:** ଆମ ପୃଥିବୀର ଏକ ବିଶେଷତା ହେଉଛି ଏହାର ମାଧ୍ୟାକର୍ଷଣ ଶକ୍ତି। ଏହି ଶକ୍ତି ବଳରେ ପୃଥିବୀ ସମସ୍ତ ପଦାର୍ଥକୁ ତା' ନିଜର କେନ୍ଦ୍ର ଆଡ଼କୁ ଆକର୍ଷିତ କରିଥାଏ। ତେବେ ପୃଥିବୀର ଏହି ଆକର୍ଷଣ ଶକ୍ତିଟି ବିଷୟରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରିଛନ୍ତି ବିଶେଷଜ୍ଞମାନେ। ସେମାନଙ୍କର କହିବା ଅନୁସାରେ ପୃଥିବୀର ସବୁ ସ୍ଥାନର ମାଧ୍ୟାକର୍ଷଣ ଶକ୍ତି ସମାନ ନୁହେଁ। ସ୍ଥାନ ଅନୁସାରେ ଏହାର ଅନୁପାତ ଭିନ୍ନଭିନ୍ନ ହୋଇଥାଏ। ଏପରି ହେବାର କାରଣ ସମ୍ବନ୍ଧରେ ସୂଚନା ଦେବାକୁ ଯାଇ ଗବେଷକମାନେ କହିଛନ୍ତି ଯେ, ପୃଥିବୀକୁ ଆମେ ଯାହା ଦେଖୁଛେ ତାହା ନୁହେଁ। ପୃଥିବୀ ମାତ୍ର କେତେଗୋଟି ପ୍ଲେଟ୍ ଉପରେ ହିଁ ଠିଆ ହୋଇଛି। ଏହି ପ୍ଲେଟ୍ ସବୁ ମାଟି ତଳେ ରହିଛନ୍ତି। ସେଗୁଡ଼ିକୁ ଭୂବିଜ୍ଞାନ ଭାଷାରେ କୁହାଯାଏ ଟେକ୍‌ଟୋନିକ୍ ପ୍ଲେଟ୍। ଏହି ପ୍ଲେଟ୍‌ଗୁଡ଼ିକ ଖଣ୍ଡଖଣ୍ଡ ହୋଇ ପୃଥିବୀର ତଳଦେଶରେ ଭାସି ବୁଲୁଛନ୍ତି। ସେଗୁଡ଼ିକ ସବୁବେଳେ ତଳ ଉପର ଡାହାଣ ବାମ ହୋଇ ଗତିଶୀଳ ହୋଇଥାନ୍ତି। ଏହି ଟେକ୍‌ଟୋନିକ୍ ପ୍ଲେଟ୍‌ର ଗତି ଉପରେ ନିର୍ଭର କରିଥାଏ ମାଧ୍ୟାକର୍ଷଣ ଶକ୍ତିର ଅନୁପାତ। ତେଣୁ ମାଧ୍ୟାକର୍ଷଣ ଶକ୍ତିର ଅନୁପାତ ସମ୍ବନ୍ଧରେ କୌଣସି ଠିକ୍ ମତ ଦିଆଯାଇପାରିବ ନାହିଁ ବୋଲି ଭୂ-ବିଶେଷଜ୍ଞଙ୍କ ମତ।

**ପ୍ଲେଟ୍ ଉପରେ ପୃଥିବୀ:** ଏକଥା କହିଲେ ହୁଏତ ଅବିଶ୍ୱସନୀୟ ମନେହେବ ଯେ, ଆମେ ଅର୍ଥାତ୍ ପୃଥିବୀର ଲୋକମାନେ, ବୃକ୍ଷଲତା, ଜୀବଜନ୍ତୁ, ପାହାଡ଼ ପର୍ବତ, ନଦୀନାଳ ସବୁକିଛି କେତେଗୋଟି ପ୍ଲେଟ୍ ଉପରେ ଠିଆ ହୋଇ ରହିଛି। ସେହି ପ୍ଲେଟ୍ ସବୁକୁ କୁହାଯାଏ ଟେକ୍‌ଟୋନିକ୍ ପ୍ଲେଟ୍। ତଥ୍ୟ ଅନୁଯାୟୀ ପୃଥିବୀର ଅଭ୍ୟନ୍ତର ପ୍ରଦେଶରେ ରହିଛି ମୋଟ୍ ସାତଗୋଟି ପ୍ଲେଟ୍। ସେହି ପ୍ଲେଟ୍‌ଗୁଡ଼ିକ ପୃଥିବୀର ଅଭ୍ୟନ୍ତରରେ ଥିବା ଅର୍ଦ୍ଧତରଳ ପଦାର୍ଥରେ ଭାସମାନ ଅବସ୍ଥାରେ ରହିଛନ୍ତି। ଏହି ପ୍ଲେଟ୍‌ଗୁଡ଼ିକ ଚଳନଶୀଳ। ତେବେ ଏମାନଙ୍କର ଚଳନ ଏତେ ମନ୍ଥର ଯେ ତାହା ଆମମାନଙ୍କୁ ଜଣା ପଡ଼େନାହିଁ। ଏକ ତଥ୍ୟ ଅନୁଯାୟୀ ବର୍ଷକୁ ଏହି ପ୍ଲେଟ୍‌ଗୁଡ଼ିକ ମାତ୍ର ଚାରିଇଞ୍ଚ ଗତି କରିଥାନ୍ତି। ପୁଣି ଏମାନେ ସିଧାସଳଖ ଗୋଟିଏ ଦିଗକୁ ଗତି କରନ୍ତି ନାହିଁ। ଅଧିକନ୍ତୁ ପ୍ରତ୍ୟେକ ଦିଗକୁ ସମାନ ଭାବରେ ଗତିଶୀଳ ହୋଇଥାନ୍ତି। ଫଳସ୍ୱରୂପ ପୃଥିବୀ ପୃଷ୍ଠର ସନ୍ତୁଳନ ଠିକ୍ ରହିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେତେବେଳେ ଏହି ପ୍ଲେଟ୍‌ଗୁଡ଼ିକର ସନ୍ତୁଳନ ନଷ୍ଟ ହୋଇଯାଏ ଅର୍ଥାତ ସେମାନେ ଅଧିକ ବେଗରେ ଗତିଶୀଳ ହେବା ଆରମ୍ଭ କରନ୍ତି ସେତେବେଳେ ପୃଥିବୀ ପୃଷ୍ଠରେ ମହା ଭୟଙ୍କର ଅବସ୍ଥା ସୃଷ୍ଟି ହୁଏ। ଅର୍ଥାତ୍, ଭୂମିକମ୍ପ, ସୁନାମୀ, ଆଗ୍ନେୟ ଉଦ୍‌ଗିରଣ ଆଦି ଦେଖାଯାଏ।

**କ୍ରମଶଃ ବଢୁଛି ଦିନ:** ପୃଥିବୀରେ ଦିନର ଆୟୁଷ ବଢିବଢ଼ି ଚାଲିଛି। ଗବେଷକମାନେ କହିଛନ୍ତି ଯେ, କ୍ରମଶଃ ଦିନର ଦୈର୍ଘ୍ୟ ବଢୁଛି। ତଥ୍ୟ ଅନୁଯାୟୀ ୪.୬ ବିଲିୟନ୍ ବର୍ଷ ପୂର୍ବେ ଏକ ମହାଜାଗତିକ ପ୍ରକ୍ରିୟାରେ ଆମ ପୃଥିବୀର ଉତ୍ପତ୍ତି ହୋଇଥିଲା। ସେତେବେଳେ ବି ପୃଥିବୀରେ ଦିନ ଓ ରାତି ହେଉଥିଲା। ମାତ୍ର ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ, ସେତେବେଳେ ପୃଥିବୀର ଦିନର ଦୈର୍ଘ୍ୟ ଥିଲା ମାତ୍ର ୬ଘଣ୍ଟା। ବର୍ତ୍ତମାନ ଦିନର ଲମ୍ବ ୨୪ଘଣ୍ଟା। ତେବେ ଗବେଷକଙ୍କ ଅନୁଯାୟୀ ଦିନର ଦୈର୍ଘ୍ୟ କ୍ରମଶଃ ବଢୁଛି। ଅବଶ୍ୟ ଏହାର ବଢ଼ିବାର ଗତିଟି ବହୁତ କ୍ଷୀଣ। ଏହା ପ୍ରତି ଶତାବ୍ଦୀରେ ୧.୭ ମାଇଲ୍ ସେକେଣ୍ଡ ବୃଦ୍ଧି ପାଇଥାଏ। ଏଭଳି ବୃଦ୍ଧିର କାରଣ ହେଉଛି ଚନ୍ଦ୍ର। ଚନ୍ଦ୍ରର ଗତି ହିଁ ପୃଥିବୀର ନିଜ ଚାରିପଟେ ଘୂରିବାର ବେଗକୁ ଧୀରେ ଧୀରେ ମନ୍ଥର କରୁଛି। ଫଳରେ ପୃଥିବୀ ଘୂର୍ଣ୍ଣନ ହ୍ରାସ ପାଉଛି। ଆଉ ଦିନର ଲମ୍ବ ବଢୁଛି।

**ନା ଗୋଲ୍ ନା ଚେପ୍‌ଟା:** ପୃଥିବୀକୁ ନେଇ ଗୋଟିଏ କଥା କୁହାଯାଏ ଯେ, ପୃଥିବୀ ଗୋଲ ନୁହେଁ; ଏହା କମଳା ଲେମ୍ବୁ ପରି ଚେପ୍‌ଟା। ମାତ୍ର ଏବେ ଗବେଷକ ଏହି ତଥ୍ୟକୁ ମଧ୍ୟ ଭୁଲ୍ ବୋଲି କହିଛନ୍ତି। ଗବେଷକଙ୍କ ମତରେ ପୃଥିବୀ ଗୋଲ ନୁହେଁ ଏହା ଠିକ୍। ତେବେ ଏହା ଚେପ୍‌ଟା ମଧ୍ୟ ନୁହେଁ। ଆମକୁ ଚେପ୍‌ଟା ଦେଖାଯାଏ କାରଣ ଆମେ ବିଶାଳ ପୃଥିବୀର ଖୁବ୍ କମ୍ ଦେଖିବାକୁ ପାଇଥାଉ। ହେଲେ ଏହା ବାସ୍ତବରେ ସେଇଆ ନୁହେଁ। ସୌରମଣ୍ଡଳର ଏହି ଗ୍ରହଟି ବିଷୁବରେଖାର ଦୁଇପାଖକୁ କିଛି ପରିମାଣ ଫୁଲି ଯାଇଛି। ତଥ୍ୟ ଅନୁଯାୟୀ, ବିଷୁବରେଖାର ଦୁଇପଟକୁ ଏହା ୦.୩ ପ୍ରତିଶତ ଫୁଲିଛି। ଏହି ଫୁଲିବା ଫଳରେ ଏହା ନିଜ ଚାରିପଟରେ ଠିକ୍ ସନ୍ତୁଳିତ ହୋଇ ବୁଲି ପାରୁଛି। ଉତ୍ତର କ୍ରାନ୍ତିରୁ ଦକ୍ଷିଣ କ୍ରାନ୍ତି ଯାଏ ପୃଥିବୀର ବ୍ୟାସ ୧୨,୭୧୪ କିଲୋମିଟର ବା ୭,୯୦୦ ମାଇଲ୍ ବେଳେ ବିଷୁବରେଖାଠାରେ ଏହାର ଲମ୍ବ ହେଉଛି ୧୨,୭୫୬ କିଲୋମିଟର ବା ୭,୯୨୬ ମାଇଲ୍। ଅବଶ୍ୟ ପୃଥିବୀର ବିଶାଳତାକୁ ଆଖି ଆଗକୁ ଆଣିଲେ ଏହି ପାର୍ଥକ୍ୟ ଖୁବ୍ ବେଶି ନୁହେଁ। ସେଥିଲାଗି ଅନ୍ତରୀକ୍ଷରୁ ପୃଥିବୀର ଯେଉଁ ଫଟୋ ଉତ୍ତୋଳନ କରାଯାଏ ସେଥିରେ ପୃଥିବୀର ଏହି ସମ୍ପ୍ରସାରିତ କ୍ରାନ୍ତି ଦେଖିବାକୁ ମିଳେନାହିଁ। ସେଥିଲାଗି ଆମ ଆଖିକୁ ପୃଥିବୀ ଗୋଲ ଭଳି ଦେଖାଯାଏ।

**ହ୍ରାସ ପାଉଛି ଭୂଭାଗ:** ଆମ ପୃଥିବୀର ଏକ ବୈଶିଷ୍ଟ୍ୟ ହେଉଛି ଏହାର ଜଳଭାଗ। ପୃଥିବୀର ତିନିଭାଗ ଜଳ ହୋଇଥିବା ବେଳେ ଏକ ଭାଗ ହେଉଛି ସ୍ଥଳ। ତେବେ ଆଜି ଆମେ ଯେତେ ବିଶାଳ ଜଳଭାଗ ଦେଖୁଛେ ଦିନ ଥିଲା ଏହା ସେଭଳି ନ ଥିଲା। ଜଳର ଅଧିକାଂଶ ଉତ୍ସ ଥିଲା ବରଫ। ମହାସାଗରର ଏକ ବଡ଼ଭାଗ ଜଳ ବରଫ ଆକାରର ହୋଇ ରହିଥିଲା। ଆଜି ବିଶ୍ୱରେ ଯେଉଁ ଏତେ ସଂଖ୍ୟକ ନଦୀ ଦେଖୁଛେ ସେତେବେଳେ ଏସବୁ ନ ଥିଲା। ଗ୍ଲାସିଅର ବା ହିମବାହରେ ଜଳସବୁ ସଞ୍ଚିତ ହୋଇ ରହିଥିଲା। ବିଲିୟନ ବିଲିୟନ ବର୍ଷ ଧରି ଏହି ଗ୍ଲାସିଅର ସବୁ ଜଳର ବାସ୍ତବ ଉତ୍ସ ପାଲଟି ରହିଥିଲେ। ତେବେ ଜନସଂଖ୍ୟା ବୃଦ୍ଧି, ଶିଳ୍ପ କାରଖାନାର ଉଦ୍ଭାବନ ହିଁ ଗ୍ଲାସିଅର ସବୁକୁ ଗଭୀର ଭାବରେ ପ୍ରଭାବିତ କଲା। ଗ୍ଲାସିଅର ତରଳିବାକୁ ଲାଗିଲା। ଫଳସ୍ୱରୂପ ବଡ଼ବଡ଼ ନଦୀର ସୃଷ୍ଟିହେଲା। ସାଗର ମହାସାଗରର ଜଳସ୍ତର ବୃଦ୍ଧି ପାଇଲା। ଆଉ ଏବେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତ୍ୟେକ ଦିନ ପୃଥିବୀର ଭୂଭାଗ ହ୍ରାସ ପାଉଛି। ଜଳଭାଗ ହିଁ ତା'ର ସ୍ଥାନ ପୂରଣ କରୁଛି।

**ଜହ୍ନର ଜନ୍ମ:** ଚନ୍ଦ୍ର ଗ୍ରହର ଜନ୍ମଟି ବେଶ୍ ରୋଚକପୂର୍ଣ୍ଣ। ଅନ୍ତରୀକ୍ଷ ବିଜ୍ଞାନୀଙ୍କ ମତରେ ପୃଥିବୀ ଭଳି ଆଉ ଏକ ଗ୍ରହ ଥିଲା, ଯାହାର ନାମ 'ଥେଇୟା'। ଥେଇୟା ଏବଂ ପୃଥିବୀର ସୃଷ୍ଟି ଏକ ସଙ୍ଗରେ ହୋଇଥିଲା। ମଙ୍ଗଳ ଗ୍ରହ ଭଳି ଏହାର ଆକାର ଥିଲା ବିଶାଳ। ଆମ ପୃଥିବୀ ଭଳି ଥେଇୟା ମଧ୍ୟ ଥିଲା ଏକ ଜୀବନ୍ତ ଗ୍ରହ। ଏହା ପୃଥିବୀ ଭଳି ସୂର୍ଯ୍ୟକୁ ପରିକ୍ରମା କରୁଥିଲା। ଏହା ପ୍ରାୟ ପାଞ୍ଚଶହ ବିଲିୟନ୍ ବର୍ଷ ତଳର ଘଟଣା। କୌଣସି ଏକ ମହାଜାଗତିକ ଦୁର୍ଘଟଣା ସେତେବେଳେ ସୌରମଣ୍ଡଳର ସମୀକରଣକୁ ବଦଳେଇ ଦେଇଥିଲା। ଥେଇୟା ଏହି ମହାଜାଗତିକ ଦୁର୍ଘଟଣାର ଶିକାର ହୋଇ ଖଣ୍ଡଖଣ୍ଡ ପାଲଟିଗଲା ଓ ଅନ୍ତରୀକ୍ଷରେ ଧୂଳି ହୋଇଗଲା। ତେବେ ଗୋଟିଏ ଅଂଶ ପୃଥିବୀ ପ୍ରତି ଆକର୍ଷିତ ହୋଇ ରହିଲା ଏବଂ ପୃଥିବୀକୁ ପରିକ୍ରମା କରିବାକୁ ଲାଗିଲା। ସେହି ଭଗ୍ନ ଅଂଶଟି ଆଜିର ଚନ୍ଦ୍ର, ଯାହାକୁ ଆମେ ପୃଥିବୀର ଏକମାତ୍ର ଉପଗ୍ରହ ବୋଲି କହୁଛେ।

ଅନ୍ତରୀକ୍ଷ ବିଜ୍ଞାନରେ ଏମିତି ଅନେକ ରୋଚକ ତଥ୍ୟକୁ ନେଇ ସମୃଦ୍ଧ ହୋଇଛି ଆମର ଏଇ ସୁନ୍ଦର ଜୀବନୋପଯୋଗୀ ଗ୍ରହ ପୃଥିବୀ। ସେ ସବୁ ତଥ୍ୟ କେବଳ ରହସ୍ୟର ଉନ୍ମୋଚନ ପାଇଁ ନୁହେଁ; ବରଂ ପୃଥିବୀର ମହାନତାକୁ ପ୍ରତିପାଦିତ କରିବା ପାଇଁ ବୋଲି କହିଲେ ଭୁଲ୍ ହେବନାହିଁ।





# ବିଷର ବଳୟ

– ସୁରେନ୍ଦ୍ର ପାଣିଗ୍ରାହୀ

ପବନରେ ବିଷ ଭୋଜନରେ ବିଷ,
ବିଷ ପୁଣି ନିଃଶ୍ୱାସରେ
ନୀରରେ ବି ବିଷ, କ୍ଷୀରରେ ବି ବିଷ,
ବିଷ ପୁଣି ବିଶ୍ୱାସରେ ॥

ଦିନୁଦିନ ବ୍ୟାପେ ବିଷର ବଳୟ
ଜୀବନ ଯାଉଛି ଜଳି
କେତେ ଯେ ମାନବ ମରଣ ଯନ୍ତାରେ
ନିତି ପଡୁଥାନ୍ତି ଢଳି ॥

କୋରକିତ ହୁଏ କରାଳ କରୋନା
କ୍ରନ୍ଦନ କୁଟୀରରେ
ଲିଭିଲିଭି ଯାଏ ଜୀବନର ଜ୍ୟୋତି
ଅଦିନ ଜରାର ଡରେ ॥

ଯେଉଁ ପ୍ରକୃତି ମାନବକୁ ଦେଲା
ଶ୍ରେଷ୍ଠପ୍ରାଣୀ ପୁରସ୍କାର
ନାଶ କରି ତାକୁ ମଣିଷ ସାଜିଛି
ଭୟଙ୍କର ଭସ୍ମାସୁର ॥

ଗାଁ ମୁହାଁ ହୁଏ ସହରକୁ ଭୁଲି
ଛାଡ଼ି ଯାଇଥିବା ପୁଅ
ଭଲଲାଗେ ପୁଣି ପଖାଳ ଚଟଣି
ବାଣି ବାଇଗଣ ଘିଅ ॥

ହଜି ଯାଇଥିବା ମଣିଷପଣିଆ
ଫେରାଇ ଦେଲା ଏ କାଳ
ଗାଁ ନଈପଠା ତୋଫା ଜହ୍ନରାତି
ଭାଗବତ ଟୁଙ୍ଗି ମେଳ ॥

କରୋନା ଆମକୁ ଶିଖାଇଲା ଆଜି
ଜୀବରେ କରୁଣା କର
ସ୍ୱଚ୍ଛ ଓ ନିର୍ମଳ କର ପରିବେଶ
ଗାନ୍ଧିବାଣୀ ମାନି ଚଳ ॥

ବନ୍ଦୀ ମୁଁ ଆଜି ନିଜ ଚୌହଦୀରେ
ନିଜନିଜ କୁରୁକ୍ଷେତ୍ରେ
ଲଢୁଅଛି ଆଜି ଜୀବନ ଲଢ଼ାଇ
ନିଜ ସହ ପାନିପଥେ ॥

କରୋନା ଦେଇଛି ବିରହର ଜ୍ୱାଳା
ବିଧୁର ବଂଶୀସ୍ୱନ
ଏ କାଳ କହିଲା ଦେହ ସିନା ଆଗ,
ପଛେ ପଡ଼ିଥାଉ ଧର୍ମ ॥

– ବରି, ସିମୁଳିଆ, ବାଲେଶ୍ୱର

# ରଙ୍ଗ

– ଡ. ଲକ୍ଷ୍ମଣ ସାହୁ

କେବେ ରାଗ, ଅଭିମାନ, ବିରହ, ବିଚ୍ଛେଦ। ତା’ ମଧ୍ୟରେ ଜୀବନ, ସନ୍ତୁଳିତ ମନ! ଆମ ଦୁହିଁଙ୍କର ଛାଇ ଆଲୁଅ ଲୁଚକାଳି ଖେଳ। ରାତିର ଶେଷ ପହରର ମିଳନ ଭଳି।

ଅନାମିକା ହସିଦିଏ। ସକାଳୁ ଝଡି ପଡୁଥିବା ଶେଫାଳି ପରି। ଖେଳେଇ ହୋଇପଡେ ତା’ର ପ୍ରଗଲ୍‌ଭ ତୋଫା ହସ!

ମୁଁ ମଜାରେ କହେ, ରାତ୍ରିର ଜତୁଗୃହର ଯନ୍ତ୍ରଣା କେବେ କ’ଣ ଭୁଲି ହୁଏ ?

ସେ କହେ, ଓଃ ରାତିର ଛାତି ତଳେ ସମ୍ପର୍କର ଶୂନ୍ୟତା! ବାଃ ବାଃରେ, କାହାର ପାଦଶବ୍ଦ ଶୁଣିଲୁ ନାହିଁ। ମୁଁ କହେ ଶୁଣିଛି। ଆ’ କହି ଯିଏ ଆଉଜେଇ ନେଇଥିଲା ଛାତିକି କେଜାଣି କେମିତି ପର କରି ଦେଲା!

ସେ କହେ, ଓଃ ଏବେ ତୁ ସ୍ୱପ୍ନ ଦେଖିଲୁଣି। ସେ କିଏ ମ ?

କହେ, ଆକାଶରେ ଶୂନ୍ୟତା ଭରି କ’ଣ ବଞ୍ଚିହେବ ? କାହାକୁ ତ ଶୂନ୍ୟତାରେ ଭରି ଦେବାକୁ ହେବ। ଜୀବନ ଗୋଟାଏ ବିଚିତ୍ର ରଙ୍ଗର ଖେଳ।

ରଙ୍ଗ ଖେଳ! ସେ ଡରିଗଲା। ଯଦିଓ ମୋତେ ଭିଡି ଧରିଲା।

କହିଲି, ଏଇ ବସନ୍ତ ଆସିଛି। ରାଧାକୃଷ୍ଣଙ୍କ କୁଞ୍ଜ ମିଳନର ପର୍ବ। ପ୍ରକୃତିର ନବ ପୁଷ୍ପର ସମ୍ଭାର। କୋଇଲିର କୁହୁ କୁହୁ ତାନ। ଅବିର ଖେଳ। ଆମେ କ’ଣ ଖେଳିବା ନାହିଁ ?

ସେ ମନାକଲା। କହିଲା, ତୁ ଖେଳ ସାହି ପିଲାଙ୍କ ସହ। ମୁଁ ଖେଳିବି ନାହିଁ!

କାରଣ ପଚାରିବା ସପକ୍ଷରେ ନ ଥିଲି। ମନେପଡିଗଲା ଗତ ହୋଲିରେ ରଙ୍ଗ ଖେଳି ଛୋଟଝିଅକୁ ବିଭସ୍ତ କରି ଫିଙ୍ଗି ଦେଇଥିବାର ନାରକୀୟ ଘଟଣା।

ଅନାମିକାର ଭୟାର୍ତ୍ତ ଚିତ୍ତକୁ ଛାତିରେ ଭିଡିଧରି କିଛି ମୁହୂର୍ତ୍ତ ଆଶ୍ରୟ ଦେଲି। ତା’ ଅଳରା କେଶକୁ ସାଉଁଳି ଦେଲି। କହିଲି, ତୁ ନ ଖେଳ। ଏତୁଟିଏ ହେଲୁଣି ଡରୁଛୁ କାହିଁକି ?

ଏ ରଙ୍ଗର ଦିନ ଆସିଲା। ପୂର୍ବବର୍ଷ ଭଳି ମୁଁ ବାହାରକୁ ଖେଳିବାକୁ ଗଲିନାହିଁ। ଘରଭିତରେ ଚୁପଚାପ ବସି ରହିଲି।

କିଛି ସମୟ ପରେ ମୋ କବାଟ ଆୱାଜ ଶୁଭିଲା।

ଅନାମିକା ଆସିଛି। ବୋଉ କହିଲା, ଡରକୁଳୀଟା। ଆଜି ହୋଲିରେ ପାଦରେ ଟିକେ ଅବିର ଦେବ କହି ମୁଣ୍ଡ ନୁଆଁଇ ଲାଜେଇ ଗଲା ଯେ ପଡୁପଡୁ ଧରି ନ ଥିଲେ କ’ଣ ହୋଇଥାନ୍ତା। ଦେଖିଲି, ବୋଉ ପାଦରେ ଅବିର। ବୋଉ ଚାଲିଗଲା।

ଏଥର ଅନାମିକା ତା’ର ବଦମାସ ବାହାର କଲା। ମୋ ଦେହସାରା ଅବିର ବୋଳିଦେଲା। ସାମାନ୍ୟ ଅବିର ତା’ ମସ୍ତକରେ ରଖିଦେଲା ପରେ କହିଲା, ଏଥର ମୁଁ ତୋର ହୋଇଗଲି।

ଧୀରେ କହିଲି– ତୋ ବାପା ତୋ ବାହାଘର କରିଦେବେ!

ମୋତେ ଚୁମା ଦେଇ କହିଲା, ବୋକା ରାଧା ଚନ୍ଦ୍ରସେଣାକୁ କ’ଣ ବାହା ହୋଇ ନ ଥିଲେ।

ସତରେ ଜୀବନଟା ସାତରଙ୍ଗର ଖେଳ। ଆଜି ଅନାମିକା ବେଶ୍ ମନେପଡୁଛି!

*–ତାରା ନିଳୟ, ପ୍ଲଟ– ୮୫୪/ଏ,*
*ଚାଚରା ଶବରସାହି, ମୁକୁନ୍ଦ ପ୍ରସାଦ*

# ବଂଶୀ

ଡ. ତୃପ୍ତି ରଞ୍ଜନ ଦାସ

ପଚାରୁଛ ବିଳମ୍ବର କାରଣ ?
ପରଦା ଉଠାଇ, ଅଧରରୁ
ବଂଶୀକୁ ହଟାଇ ଦେଖ,
ରାସ୍ତା କଡେ ଆଁ ମେଲି ପଡିଥିବା
ଚିତ୍ରିତ ଖପରା
ମୁଣ୍ଡ ଉପର ଟାଇଁ ଟାଇଁ ଖରା
ମିଥ୍ୟାକୁ ସାରଥି କରି, ମିରିଗର ଗତିକୁ ଧରି
କଣ୍ଟା ଆଘାତରେ ଲାଲ ପାଦ ଚିହ୍ନ..
ପଚାରନା... ବିଳମ୍ବର କାରଣ ॥

ଥାଉ,
ଛୁଅଁନାହିଁ ପାଦକୁ ମୋର,
ଲାଗୁଛି ଆକାଶଟା ତଳେ
ଫିକା ପଡି ପଡି ଆସେ କଷ୍ଟର କାରଣ
ଶ୍ୟାମଳ ତନୁ ଏବେ ଘନ ଏକାନ୍ତ କରୁଣ
ମାୟା ବାଦ୍ୟରେ କାହିଁକି ଭରୁଥିଲ
ଏତେ ଯେ ଦାରୁଣ
ଆଖି ଏବେ ଛଳ ଛଳ
ଆସନ୍ତାକି ନିମିଷକେ ମରଣ ॥

*–କାଦୁଅପଡା, ଜଗତ୍‌ସିଂହପୁର*



# ଚୁଜି ହେଲେଣି ଅନନ୍ୟା

ନବାଗତା ଅନନ୍ୟା ପାଣ୍ଡେ । କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରୁ ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା । ଚଙ୍କି ପାଣ୍ଡେଙ୍କ ଏହି କନ୍ୟାଙ୍କ ଆଖିରେ ଆଖିଏ ସ୍ୱପ୍ନ । ଏଣିକି ସେ ଆକ୍ଟିଂ ଲାଇନ୍‌ରେ ଦେଖି ଚାହିଁ ପାଦ ପକାଇବେ । କୌଣସି ସିନେମା ସାଇନ୍ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରିବେ । ନିକଟରେ ତାଙ୍କୁ କେତୋଟି ଅଫର ମିଳିଛି । ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏକଥା ସତ ଯେ ମୋତେ ନିକଟରେ ୨-୩ଟି ଅଫର ମିଳିଛି । ହେଲେ ଏ ନେଇ ଶେଷ ନିଷ୍ପତ୍ତି ନେଇନାହିଁ । କାରଣ ମୋ ଆକ୍ଟିଂ ଲାଇନ୍‌ରେ ମୁଁ ଆଦୌ ତରତର ହେବାକୁ ଚାହେଁନା । ଆଲତୁ ଫାଲତୁ ରୋଲ୍‌ରେ ଆକ୍ଟିଂ କରିବା ଅପେକ୍ଷା ଭଲ ସିନେମାରେ ଅଭିନୟ କଲେ କ୍ଷତି କ'ଣ ? ତେଣୁ ମୋତେ ନିଶ୍ଚୟ ଚୁଜି ହେବାକୁ ପଡିବ ।' ତେବେ ଅନନ୍ୟା ନିଜ ନୂଆ ଯୋଜନାରେ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।


ଅନନ୍ୟା

# ସମୟ ହୋଇନାହିଁ

'କି କଥା, ଏବେ ପୁଣି ମ୍ୟାରେଜ ! ଏ ବିଷୟରେ ସେ ଏବେ ଚିନ୍ତା କରିନାହାନ୍ତି କି ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ସେକଥା ମନକୁ ଆଣିବାର ନାହିଁ । ଯେତେବେଳେ ଉପଯୁକ୍ତ ସମୟ ଆସିବ ସେତେବେଳେ ସମସ୍ତେ ଜାଣିପାରିବେ ।' ଏପରି କଥା ଏବେ କିଏ କହି ବୁଲୁଛନ୍ତି ଜାଣନ୍ତି ? ପରିଣିତି ଚୋପ୍ରା । ବର୍ତ୍ତମାନ ନୋ ମ୍ୟାରେଜ, ଓନ୍ଲି ଆକ୍ଟିଂ । ଏ ନେଇ ପରିଣିତି କହନ୍ତି, 'ଏବେ ମୁଁ ମ୍ୟାରେଜ କଥା ଆଦୌ ଚିନ୍ତା କରିନାହିଁ । କାରଣ ବର୍ତ୍ତମାନ ମୁଁ ଗୋଟିଏ ଜିନିଷ ଉପରେ ଅଧିକ ଗୁରୁତ୍ୱ ଦେଉଛି, ତାହା ହେଲା ଆକ୍ଟିଂ । କାରଣ ଯେହେତୁ ଏହାକୁ କ୍ୟାରିୟର କରିଛି ତେଣୁ ମୋତେ ଆହୁରି ଅଧିକ ବାଟ ଯିବାକୁ ପଡିବ । ନାୟିକା ଦୌଡରେ ସାମିଲ ହେବାକୁ ହେଲେ ମୋତେ ଭଲ ଭଲ ଭୂମିକାରେ ନିଜ ଦକ୍ଷତା ପ୍ରତିପାଦନ କରିବାକୁ ପଡିବ । ତେଣୁ ସେ ନେଇ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି । ଯେତେବେଳେ ମ୍ୟାରେଜ ପାଇଁ ସମୟ ଆସିବ ସେତେବେଳେ ସମସ୍ତେ ଜାଣିପାରିବେ ।' ତେବେ ପରିଣିତି କେବେ ହାତକୁ ଦି' ହାତ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।


ପରିଣିତି

# ସମୟ କାଟୁଛି କିମ୍ଫେର

ଆଜିକାଲି ଯୁଗରେ ନିଜକୁ ଫିଟ୍ ରଖିବା ବଡ କଥା । ଆଉ ସେଥିରୁ ଟାଇଗର ଶ୍ରଫ ବାଦ୍ ପଡ଼ନ୍ତେ କିପରି ? ନିଜର ଫିଟ୍‌ନେସ୍‌କୁ ନେଇ ସେ କେତେ ସଚେତନ ତାହା କହିବା ବାହୁଲ୍ୟ । କାରଣ କେବଳ ଅଭିନୟ ନୁହେଁ, ନିଜର ବଡି ଗେଟ୍ ଅପ୍ ପାଇଁ ସେ ବେଶ୍ ଚର୍ଚ୍ଚିତ । ଏବେ ତ କରୋନା ପାଇଁ ଲକ୍‌ଡାଉନ୍ ଚାଲିଛି । ଯେହେତୁ ଶୁଟିଂ ନାହିଁ ତେଣୁ ଟାଇଗର ଘରେ ସମୟ କଟାଉଛନ୍ତି । ତେବେ ଏହି ସମୟ ମଧ୍ୟରୁ ତାଙ୍କର ଅଧିକାଂଶ ସମୟ ଜିମ୍‌ରେ କଟୁଛି । ଏ ସମ୍ପର୍କରେ ଟାଇଗର କହନ୍ତି, 'ମୁଁ ସବୁବେଳେ ନିଜ ଫିଗରକୁ ନେଇ ବେଶ୍ ସଚେତନ । ଯେହେତୁ ଘରେ ଜିମ୍ ଅଛି ତେଣୁ ଅଧିକାଂଶ ସମୟ ସେଠାରେ କଟୁଛି । ମୁଁ ପ୍ରତିଦିନ ସକାଳେ ଦୁଇ ଘଣ୍ଟା ଏବଂ ସନ୍ଧ୍ୟାରେ ଦୁଇ ଘଣ୍ଟା ଜିମ୍ ଯାଇଥାଏ । ଏବେ ଏ ନେଇ ଆଉ ଟିକେ ସିରିୟସ ହୋଇଛି । ବିଶେଷଭାବରେ 'ବାଗୀ-୩'ର ସଫଳତା ମୋତେ ଆହୁରି ଉତ୍ସାହିତ କରିଛି । ଏଥିପାଇଁ ଦର୍ଶକଙ୍କ ନିକଟରେ ମୁଁ ଚିର ଋଣୀ ।'


ଟାଇଗର

# ରୋମିଓ ରାଜା

କଲେଜରେ ପ୍ରଥମ ଥର ପାଇଁ ପାଦଦେବା ସମୟରେ ପିଲାମାନଙ୍କର ମନ ସତେଯେମିତି ଆକାଶରେ ଉଡୁଥାଏ । ନୂଆ ଦୁନିଆ ଆଉ ରଙ୍ଗିନ ପରିବେଶରେ ସେମାନଙ୍କ ମଧ୍ୟରୁ କେତେକ ପ୍ରେମ ମାୟାରେ ପଡିଯାଇଥାଆନ୍ତି । ବାସ୍, ଠିକ୍ ସେମିତି ପ୍ରଥମ ଦେଖାରେ ଜଣେ କଲେଜ ଛାତ୍ର ଜଣେ କଲେଜ ଛାତ୍ରୀଙ୍କୁ ପ୍ରେମ କରି ବସୁଛି । ସେମାନେ ପ୍ରେମ ଦୁନିଆରେ ଉଡି ବୁଲିବା ସମୟରେ ହଠାତ୍ ଆଉ ଜଣେ ଏହି ପ୍ରେମରେ ଏଣ୍ଟ୍ରି କରୁଛନ୍ତି । ତା'ପରେ ତ ନିଶ୍ଚୟ ପ୍ରେମର ପାଣିପାଗ ବଦଳି ଯାଉଥିବ । ତେବେ ତା'ପରେ କ'ଣ ହେଉଛି ଏବଂ ଦୁହିଁଙ୍କ ପ୍ରେମର ଦି ଏଣ୍ଡ କିପରି ହେଉଛି ସେପରି ଏକ ଭିନ୍ନ ଧରଣର ଲଭ୍‌ଷ୍ଟୋରିକୁ ନେଇ ନିର୍ମିତ ହେଉଛି ଓଡିଆ ଫିଲ୍ମ 'ରୋମିଓ ରାଜା' । ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଲାନ କୁମାର ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ତମନ୍ନା । ଏନ. ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଛି । ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ନବାଗତ ନିର୍ଦ୍ଦେଶକ ରାକେଶ ସାମଲ । ଜମେଶ ଶୁକ୍ଳା ସଂଳାପ ରଚନା କରିଛନ୍ତି ଏବଂ ପଞ୍ଚାନନ ନାୟକ, ଅରୁଣ ମନ୍ତ୍ରୀ, ସୁବ୍ରତ ସ୍ୱାଇଁ, ଡ. ସୁବୋଧ ଦାସଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ । କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା ଏବଂ ଗୀତିଶ୍ରୀ ସରୋଜ । ଅମ୍ଲାନ-ତମନ୍ନାଙ୍କ ବ୍ୟତୀତ ହରିହର ମହାପାତ୍ର, ବାବୁ ପ୍ରଧାନ, ଦୀପକ ମହାରଣା, ଜ୍ଞାନ ପଲେଇ, ତପନ, ରାଜଲକ୍ଷ୍ମୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ।


ତମନ୍ନା



# ଦୁଃସାହସିକ ପର୍ଯ୍ୟଟନସ୍ଥଳୀ

# କୋଲାଡ୍

**ହ୍ୱାଇଟ୍ ୱାଟର୍ ରିଭର୍ ରାଫ୍ଟିଙ୍ଗ୍ ହେଉଛି ଏକ ଲୋକପ୍ରିୟ ଦୁଃସାହସିକ ଜଳକ୍ରୀଡ଼ା। ମହାରାଷ୍ଟ୍ରସ୍ଥିତ କୋଲାଡ୍ଠାରେ ପ୍ରବାହିତ ହେଉଥିବା କୁଣ୍ଡାଲିକା ନଦୀରେ ଏହି କ୍ରୀଡ଼ା ପାଇଁ ରହିଛି ଯଥେଷ୍ଟ ସୁବିଧା। କାରଣ ସ୍ଥାନୀୟ ଏକ ଡ୍ୟାମ୍ରୁ ପ୍ରତିଦିନ ସକାଳେ ବହୁ ପରିମାଣରେ ପାଣି ଏହି ନଦୀ ଦେଇ ପ୍ରବଳ ବେଗରେ ପ୍ରବାହିତ ହୋଇଥାଏ। ଆଉ ସେହି ସମୟରେ ଏଠାରେ ରିଭର୍ ରାଫ୍ଟିଙ୍ଗ୍ କ୍ରୀଡ଼ା ବେଶ୍ ଭଲ ଭାବେ କରି ହୋଇଥାଏ...**



ମହାରାଷ୍ଟ୍ରର ରାୟଗଡ ଜିଲା ଅନ୍ତର୍ଗତ ଏକ ଗାଁ ହେଉଛି କୋଲାଡ୍। ଏହା ମୁମ୍ବାଇଠାରୁ ପ୍ରାୟ ୧୧୭ କି.ମି. ଦୂରରେ ଅବସ୍ଥିତ। କୁଣ୍ଡାଲିକା ନଦୀର ତଟଦେଶରେ ଥିବା ଏହି ଅଞ୍ଚଳଟି ରିଭର୍ ରାଫ୍ଟିଙ୍ଗ୍ କ୍ରୀଡ଼ା ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। କେବଳ ରିଭର୍ ରାଫ୍ଟିଙ୍ଗ୍ ନୁହେଁ, ଆହୁରି ଅନେକ ଦୁଃସାହସିକ କ୍ରୀଡ଼ାର ମଜା ବି ଏଠାରେ ନେଇହୁଏ। ଖାସ୍ ସେଥିପାଇଁ ଏଠି ସର୍ବଦା ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ।

**କ'ଣ ଦେଖିବେ:** କୋଲାଡ୍ରେ ଦୁଃସାହସିକ ପର୍ଯ୍ୟଟନର ମଜା ନେବା ସହ ପର୍ଯ୍ୟଟକ ଅନେକ କିଛି ଦର୍ଶନୀୟ ସ୍ଥାନ ବି ଦେଖିପାରିବେ। ଯେମିତି କି ଛୋଟ ଛୋଟ ପାହାଡ଼, ଗୁମ୍ଫା ତଥା ଦୁର୍ଗ, ଝରଣା, ନଦୀ, ଡ୍ୟାମ୍ ଏବଂ ଦେବଦେବୀ ସ୍ଥଳ ଇତ୍ୟାଦି। ହେଲେ ଏସବୁ ତୁଳନାରେ ରିଭର୍ ରାଫ୍ଟିଙ୍ଗ କ୍ରୀଡ଼ା ହେଉଛି ଏଠାକାର ଖୁବ୍ ଲୋକପ୍ରିୟ। ତା'ଛଡା କାୟାକିଂ, ପାରାସେଲିଂ, ରାପେଲିଂ ଏବଂ ଜଙ୍ଗଲ କ୍ୟାମ୍ପିଂ ପାଇଁ ମଧ୍ୟ ଏଠାରେ ସୁବିଧା ଉପଲବ୍ଧ ଅଛି। ଖାସ୍ ଏହି ସବୁ କାରଣ ପାଇଁ ଏଠାରେ ସର୍ବଦା ଆଗନ୍ତୁକ ମୁଖ୍ୟତଃ ଦୁଃସାହସିକ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ।

**କେବେ ଯିବେ:** ଏଠାରେ ମାର୍ଚ୍ଚରୁ ମେ ଗ୍ରୀଷ୍ମ, ଜୁନ୍ରୁ ସେପ୍ଟେମ୍ବର ବର୍ଷା ଏବଂ ନଭେମ୍ବରରୁ ଫେବୃୟାରୀ ଶୀତ ଅନୁଭୂତ ହୋଇଥାଏ। ତେଣୁ ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ରହିଛି। ହେଲେ ଯେହେତୁ ବର୍ଷା ଏଠାରେ ପ୍ରବଳ ହୋଇଥାଏ, ତେଣୁ ଏହି ସମୟରେ କେହି ଏଠାକୁ ବିଶେଷ ବୁଲି ଯିବାକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ଯେଉଁମାନଙ୍କର ଦୁଃସାହସିକ କ୍ରୀଡ଼ା ଖାସ୍ କରି ରିଭର୍ ରାଫ୍ଟିଙ୍ଗ୍ ପସନ୍ଦ ସେମାନଙ୍କ ପାଇଁ ସମୟ କିଛି ମାନେ ରଖେ ନାହିଁ। ଖାଲି ଆବଶ୍ୟକ ପଡିଥାଏ କିଛିଟା ସତର୍କତା।

**କେମିତି ଯିବେ:** ଏଠାକୁ ବୁଲିଯିବା ପାଇଁ ଗମନାଗମନର ସମସ୍ତ ସୁବିଧା ରହିଛି। ଟ୍ରେନ ହେଉ କିମ୍ବା ବସ୍ ଅବା ବିମାନ, ଯାହାଙ୍କୁ ଯେଉଁଥିରେ ସୁବିଧା ସିଏ ସେଥିରେ ଯାଇ ଆରାମରେ କୋଲାଡ୍ରେ ପହଞ୍ଚିପାରିବେ।



## ରିଭର୍ ରାଫ୍ଟିଙ୍ଗ୍ ପାଇଁ କିଛି ଟିପ୍ସ

* ୧୫ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି କୋଲାଡ୍ରେ ରିଭର୍ ରାଫ୍ଟିଙ୍ଗ୍ କରିବା ପାଇଁ ଏକ ନିୟମ ରହିଛି।
* ସେମାନେ ପହଁରା ଜାଣିଥିବା ମଧ୍ୟ ନିହାତି ଆବଶ୍ୟକ।
* ତେବେ ଯେଉଁମାନଙ୍କୁ ପହଁରା ଆସେ ନାହିଁ, ସେମାନଙ୍କୁ ଏଠାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କ ପାଖେ ପାଖେ ଜଣେ ଲେଖାଏ ଗାଇଡ୍ ରହିଥାନ୍ତି। ଏଥିପାଇଁ ପର୍ଯ୍ୟଟକଙ୍କୁ ଗାଇଡ୍ ଫି ମଧ୍ୟ ଦେବାକୁ ହୋଇଥାଏ।
* କିନ୍ତୁ ଯେଉଁମାନଙ୍କର ଶ୍ୱାସ କିମ୍ବା ହୃଦ୍ଜନିତ ରୋଗ ତଥା ପାଣିକୁ ନେଇ ଭୟ ରହିଛି, ସେମାନେ ଏହି କ୍ରୀଡ଼ାରେ ଭାଗନେବା ଉଚିତ ନୁହେଁ।







ପୁପୁଲ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଭଲ ସାର୍

ଗଣିତ ସାର୍ ପପୁକୁ- ଯେତେବେଳେ ମୁଁ ଛୋଟ ଥିଲି ଗଣିତରେ ୧୦୦ରୁ ୧୦୦ ଆଣୁଥିଲି। ତୋଭଳି ଆଲୁ ଆଣୁ ନ ଥିଲି।

ପପୁ- ଆପଣଙ୍କୁ ବୋଧେ କୋଉ ଭଲ ସାର୍ ପଢ଼ଉଥିଲେ। ଆମ ଭଳି ନୁହେଁ।

### ଧୋକା

ଚାକରାଣୀ-ମା' ତମେ ଆଜି ଏତେ ଦୁଃଖୀ କାହିଁକି ଦେଖାଯାଉଛ ?

ମାଲିକାଣୀ- ତୋ ବାବୁ ତାଙ୍କ ଅଫିସରେ କୋଉ ଝିଅକୁ ଭଲ ପାଉଛନ୍ତି।


ଚାକରାଣୀ(ଚିଲ୍ଲେଇକି)- ନା..ବାବୁ ମୋତେ ଧୋକା ଦେଇ ପାରିବେନି।

### ବର୍ବାଦ

ପ୍ରେମିକା-ମୁଁ ତୁମ ପ୍ରେମରେ ବର୍ବାଦ ହେଇଗଲି।

ପ୍ରେମିକ-ଆଉ ମୁଁ କ'ଣ ଆଇନଷ୍ଟାଇନ୍ ହେଇଗଲି।

# ଲକ୍‌ଡାଉନ୍‌ରେ ସିମ୍ପାଞ୍ଜି ଦେଖୁଛି କାର୍ଟୁନ୍



କରୋନା କବଳରେ ଏବେ ପୃଥିବୀର ଅଧିକାଂଶ ଦେଶ। ଏହାର ସଂକ୍ରମଣକୁ ରୋକିବା ପାଇଁ ଜାରି ହୋଇଛି ଲକ୍‌ଡାଉନ୍। ତେଣୁ ସମସ୍ତେ ଘରେ ରହିବାକୁ ବାଧ୍ୟ।ଦୀର୍ଘଦିନ ଧରି ଘରେ ରହି ସମସ୍ତେ ବୋର୍ ହୋଇ ଗଲେଣି। ଏଥିରୁ ପ୍ରାଣୀ ବି ବାଦ୍ ପଡି ନାହାନ୍ତି। ଖାସ୍ କରି ଚିଡିଆଖାନାର ପ୍ରାଣୀ ଅଧିକ ବୋର୍ ହୋଇଗଲେଣି। ଯେମିତି କି ରୁଷ୍‌ର ୱାଇଲ୍ଡ ଲାଇଫ୍ ପାର୍କରେ ବୋର୍ ହେଉଛନ୍ତି ଦୁଇ ସିମ୍ପାଞ୍ଜି। କୌତୂହଳର ବିଷୟ ହେଉଛି ଯେ, ସେମାନଙ୍କ ମନୋରଞ୍ଜନ ପାଇଁ ସେମାନଙ୍କୁ କାର୍ଟୁନ୍ ଦେଖାଇବାର ବନ୍ଦୋବସ୍ତ କରାଯାଇଛି। ଦ ଲାୟନ କିଙ୍ଗ୍ ସମେତ ଅନ୍ୟ କାର୍ଟୁନ୍ ଦେଖାଯାଉଛି। ଏହି ଦୁଇ ସିମ୍ପାଞ୍ଜି ହେଉଛନ୍ତି ଭାଇ ଭଉଣୀ। ଦୁହେଁ କାର୍ଟୁନ୍ ଦେଖି ଏବେ ବହୁତ ଖୁସିରେ ରହୁଛନ୍ତି। ମାଇ ସିମ୍ପାଞ୍ଜି ଅନ୍‌ଫିସା କାର୍ଟୁନ୍ ଦେଖିବା ସହ ଖେଳଣା ଓ ଲିପଷ୍ଟିକ୍ ଟ୍ୟୁବରେ ବି ଖେଳୁଛି। ଏହି ଦୁଇ ସିମ୍ପାଞ୍ଜି ବହୁତ ମେଳାପୀ। ତେଣୁ ପର୍ଯ୍ୟଟକ ନ ଆସିବାରୁ ଦୁଃଖୀ ଓ ଉଦାସ ରହୁଥିଲେ ଆଉ ତାଙ୍କୁ ଖୁସି କରିବା ଲାଗି ଏହି ବ୍ୟବସ୍ଥା କରାଯାଇଛି।



## ଗଧ ବାହାଘର

ଅନ୍ଧ ବିଶ୍ୱାସ ଆଜି ବି ଅନେକଙ୍କ ମନରେ ଘର କରି ରହିଛି, ଯାହାର ପ୍ରମାଣ ହେଉଛି ତେଲଙ୍ଗାନାରେ ହେଉଥିବା ଗଧ ବାହାଘର। ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଏଠାରେ ଇନ୍ଦ୍ର ଦେବତାଙ୍କୁ ପ୍ରସନ୍ନ କରିବା ଲାଗି ଏହି ବିବାହର ଆୟୋଜନ କରାଯାଇଥାଏ। ଏଥିରେ ଦୁଇଟି ଗଧକୁ ନୂଆ ପୋଷାକ ପିନ୍ଧାଇ ସୁନ୍ଦର ଭାବରେ ସଜାଯାଇଥାଏ। ଆଉ ଏଠାକାର କେବନପଲ୍ଲୀର ନଲ୍ଲା ପୋଚମ୍ମା ମନ୍ଦିରରେ ଧୁମ୍‌ଧାମରେ ବିବାହ କରାଯାଏ। ବ୍ୟାଣ୍ଡ ବାଜା ଓ ଆତସବାଜି ସହ ନାଚଗୀତ ବି ହୁଏ। ଏଭଳି କଲେ ଭଲ ବର୍ଷା ହୁଏ ବୋଲି ବିଶ୍ୱାସ ରହିଛି।





## ପୋକର ମୂଲ୍ୟ ୧୦ ଲକ୍ଷ

ପୃଥିବୀରେ ବିଭିନ୍ନ ପ୍ରକାରର ପୋକ ଦେଖିବାକୁ ମିଳନ୍ତି। ଅନେକେ ଏମାନଙ୍କୁ ଘୃଣା କରୁଥିବା ବେଳେ ଅନେକେ ଆନନ୍ଦରେ ଖାଇଥାନ୍ତି। ତେବେ ଆମେ ଯେଉଁ ପୋକ ସମ୍ପର୍କରେ କହିବାକୁ ଯାଉଛୁ, ତାହା ବହୁ ମୂଲ୍ୟ ବିଶିଷ୍ଟ। କାରଣ ଏହାକୁ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଏ। ବାଦାମୀ ରଙ୍ଗର ଏହି ପୋକ ୨ଇଞ୍ଚ ବିଶିଷ୍ଟ । ଏହାର ସ୍ୱାଦ ମିଠା। ହିମାଳୟ କ୍ଷେତ୍ରରେ ୩-୫ ହଜାର ମିଟର ଉଚ୍ଚତାରେ ଏହା ଦେଖିବାକୁ ମିଳନ୍ତି। ଏହା ଅନେକ ନାମରେ ପରିଚିତ। ଭାରତରେ କିଡା ଜଡି, ନେପାଳ ଚାଇନାରେ ୟାର୍ସାଗୁମ୍ବା, ତିବ୍ବତରେ ୟାର୍ସାଗନବୁ ନାମରେ ପରିଚିତ। ଏହାର ବୈଜ୍ଞାନିକ ନାମ ଓଫିୟୋକୋର୍ଡିସେପ୍ସ ସାଇନେସିସ୍। ଇଂଲିଶରେ ଏହାକୁ କ୍ୟାଟରପିଲାର ଫଙ୍ଗସ୍ କୁହାଯାଏ। ଏହାକୁ ହିମାଳୟ ଭାଏଗ୍ରା ବି କୁହାଯାଏ। ଏହାକୁ ଶକ୍ତି ବର୍ଦ୍ଧକ ଔଷଧ ତିଆରିରେ ବ୍ୟବହାର କରାଯାଏ। ଏଥିରେ ରୋଗ ପ୍ରତିଷେଧକ ଶକ୍ତି ବଢାଇବାର କ୍ଷମତା ରହିଛି। ତେଣୁ ଏହାର ମୂଲ୍ୟ ବହୁତ। ଗୋଟିଏ ପୋକର ଦାମ ପ୍ରାୟ ୧ ହଜାର ଟଙ୍କା ହୋଇଥିବା ବେଳେ କିଲୋ ପିଛା ୧୦ ଲକ୍ଷ ଟଙ୍କାରେ ବିକ୍ରି ହୁଏ। ତେଣୁ ଏହା ପୃଥିବୀର ସବୁଠାରୁ ମହଙ୍ଗା ପୋକ।





